## ଗାଡ଼ି ମୋଟର ଧରପଗଡ଼

ବୁଗୁଡା,(କାଳି ଚରଣ ଦାଶ)-ବୁଗୁଡା ଅଞ୍ଚଳରେ ମଦ୍ୟପାନ ଜନିତ ଦୁର୍ଘଟଣା, ଦ୍ରୁତ ବାଇକ୍ ଚାଳନା, ୩ଜଣ ବାଇକ୍‌ରେ ଯିବା ଏବଂ ନାବାଳକଙ୍କ ବାଇକ୍ ଚାଳନା ବୃଦ୍ଧି ପାଉଛି। ଏହାକୁ ପ୍ରତିହତ କରିବା ଲକ୍ଷ୍ୟରେ ସ୍ଥାନୀୟ ପୋଲିସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଗାଡିମୋଟର ଯାଞ୍ଚ କରାଯାଇଛି। ମଦନ ମୋହନ ଛକରେ ଯାଞ୍ଚ ବେଳେ ଅନେକ ବେପରୁଆ ଗାଡି ଚାଳକ, ନାବାଳକ ଗାଡି ଚାଳକ, ବାଇକ୍‌ରେ ୩ଜଣ ବସାଇ ନେଉଥିବା ଏବଂ ବିନା ହେଲମେଟ୍‌ରେ ଗାଡି ଚଳାଉଥିବା ଚାଳକ ଧରାପଡିଥିଲେ। ସେମାନଙ୍କୁ ତାଗିଦ କରିବା ସହ ଜରିମାନା ଆଦାୟ କରି ଛଡାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଫାର୍ମାସି କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା, ଯୁବକ ଗିରଫ

ଗୋପାଳପୁର, ୧୭।୧୨(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଧୀନ ଆମ୍ବପୁଆ ନିକଟସ୍ଥ ଏକ ଫାର୍ମାସି କଲେଜର ଡି. ଫାର୍ମାର ଦ୍ୱିତୀୟ ବର୍ଷ ଛାତ୍ରୀ ରିତୁପୂର୍ଣ୍ଣା ଦାଶ ସେପ୍ଟେମ୍ବର ୨୬ରେ ହଷ୍ଟେଲରେ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ଗୋପାଳପୁର ପୋଲିସ ପୁରୀ ଜିଲା ବାଲିପାଟପୁର ଗ୍ରାମର ରାଜା ମିଶ୍ରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ରିତୁପୂର୍ଣ୍ଣାଙ୍କୁ ବାୟୋଟେକ୍ ଦ୍ୱିତୀୟ ବର୍ଷ ଛାତ୍ର ରାଜା ମାନସିକ ନିର୍ଯାତନା ଦେଉଥିବାରୁ ସେ ଆତ୍ମହତ୍ୟା ପାଇଁ ବାଧ ହୋଇଥିଲେ। ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଶିଆଳ ଗ୍ରାମର ରିତୁପୂର୍ଣ୍ଣା ଡି. ଫାର୍ମାର ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ରାଜା ତାଙ୍କୁ କ୍ରମାଗତ ଭାବେ ନିର୍ଯାତନା ଦେଇ ଆସୁଥିବାରୁ ସେ ସେପ୍ଟେମ୍ବର ୨୬ରେ ଆତ୍ମହତ୍ୟା କରିଥିଲେ। ହଷ୍ଟେଲରୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଥିଲା। ଘଟଣାକୁ ନେଇ ଛାତ୍ରୀଙ୍କ ବାପା ଝିଅକୁ ମାନସିକ ନିର୍ଯାତନା ଦେଇ ଆତ୍ମହତ୍ୟା କରିଥିବାକୁ ବାଧ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ନଂ.୨୬୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ରାଜାଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ ପାଇଁ ପୋଲିସ ଖୋଜିବା ଆରମ୍ଭ କରିଥିଲା। ତେବେ ସେତେବେଳକୁ ରାଜା ଫେରାର ହୋଇଯାଇଥିଲେ। ସୋମବାର ରାଜା କଲେଜ ଆସି ପରୀକ୍ଷା ଦେଉଥିବା ଖବର ପାଇ ପୋଲିସ ଗେଟ୍ ସମ୍ମୁଖରେ ଅପେକ୍ଷା କରିଥିଲା। ରାଜାଙ୍କ ପରୀକ୍ଷା ସରିବା ପରେ ତାଙ୍କୁ ଧରି ଥାନାକୁ ଆଣି ପଚାରାଉଚରା କରି ଗିରଫ କରିଥିଲା।

### କନଷ୍ଟେବଲ୍‌ଙ୍କ ବିୟୋଗ

ବ୍ରାହ୍ମଣୀଗାଁ,୧୭।୧୨ (ମନୋରଞ୍ଜନ ରଣା)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ଥାନାରେ କାର୍ଯ୍ୟରତ କନଷ୍ଟେବଲ୍ ମନୋଜ ଗୌଡଙ୍କ ମଙ୍ଗଳବାର ପରଲୋକ ଘଟିଛି। ସୋମବାର ରାତିରେ ସେ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ପ୍ରଥମେ ବ୍ରାହ୍ମଣୀଗାଁ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ମଙ୍ଗଳବାର ଅଧିକ ଚିକିତ୍ସା ପାଇଁ ଭଞ୍ଜନଗର ଜିଲା ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନାରେ କାର୍ଯ୍ୟରତ ସମସ୍ତ ଥାନା କର୍ମଚାରୀ ତାଙ୍କ ପାଇଁ ଶୋକ ପ୍ରକାଶ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ଜଳିଗଲା ଧାନଗଦା

ପୋଲସରା, ୧୭।୧୨ ( ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ହାତୀଓଟ ପଞ୍ଚାୟତର ଧୋୟାକଣା ଗ୍ରାମରେ ମଙ୍ଗଳବାର ଧୋୟାକଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ୧୩ ଭରଣ ଧାନ ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ଲଡୁ ସ୍ୱାଇଁଙ୍କ ୧୦ ଭରଣ, ସୁବାସ ପାଣିଗ୍ରାହୀଙ୍କ ୩ ଭରଣ ଧାନ ପୋଡ଼ିଯାଇଥିବା ଜଣାପଡିଛି। ଖବରପାଇ ପୋଲସରା ଦମକଳ ବାହିନୀ ପହଂଚି ନିଆଁକୁ ଆୟତ୍ତ କରିଥିଲା। ହାତୀଓଟ ସରପଞ୍ଚ ରଶ୍ମିତା କୁମାରୀ ସାହୁ,ସେବା ସମବାୟ ସମିତି ସଭାପତି କବିରାଜ ସାହୁ, ଟୁନା ପଟ୍ଟନାୟକଙ୍କ ସହ ଅନ୍ୟମାନେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଫୁଲବାଣୀ ଓଏସ୍‌ଆର୍‌ଟିସି ଶାଖା ବନ୍ଦ ପାଇଁ ଷଡ଼ଯନ୍ତ୍ର

- ସାମାନ୍ୟ ଟ୍ୟୁବ୍ ଟାୟାର ମଧ ଦେଉନି ବିଭାଗ
- ୧୦ରୁ ଊର୍ଦ୍ଧ୍ୱ ରୁଟ୍‌ରେ ବନ୍ଦ ହୋଇଗଲାଣି ବସ୍ ଚଳାଚଳ
- ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଯାତ୍ରୀ

ଫୁଲବାଣୀ,୧୭।୧୨(ରାକେଶ ରାଉତ)

ଫୁଲବାଣୀ ଓଏସଆର୍‌ଟିସି ଶାଖା ଉପରେ ବାଣିଜ୍ୟ ଓ ପରିବହନ ବିଭାଗର ଦୃଷ୍ଟି ପଡୁନି। ଏହି ୟୁନିଟ ବନ୍ଦ କରିବା ପାଇଁ ଏବେ ବଡ଼ ଧରଣର ଷଡ଼ଯନ୍ତ୍ର ଚାଲିଛି। ଗାଡି ଚଳାଚଳ ପାଇଁ ସାମାନ୍ୟ ଟ୍ୟୁବ୍ ଟାୟାର ମଧ ଦିଆଯାଉନି। ଫଳରେ ଏବେ କନ୍ଧମାଳ ଜିଲାର ୧୦ଟିରୁ ଊର୍ଦ୍ଧ୍ୱ ମାର୍ଗରେ ଓଏସ୍‌ଆର୍‌ଟିସିର ବସ୍ ଚଳାଚଳ ବନ୍ଦ ହୋଇଯାଇଛି। ରେଳ ବିହୀନ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲାର ଅନେକ ଦୁର୍ଗମ ଅଞ୍ଚଳକୁ ଆଜି ମଧ ବସ ସେବା ପହଞ୍ଚି ପାରିନି। ଜନସାଧାରଣଙ୍କୁ ଗମନାଗମନ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ୨୦୧୪ରୁ ବିଜୁ ଗାଁ ଗାଡ଼ି ଯୋଜନାରେ ଜିଲା ସଦର ମହକୁମା ଫୁଲବାଣୀଠାରୁ ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳ କାଟିଙ୍ଗା, କେରୁବାଡ଼ି, ଦାରିଙ୍ଗବାଡ଼ି, ବେଲଘର, ଝିରିପାଣି, ବିଲାମାଳା, ଶ୍ରୀରାମପୁର, ଲଣ୍ଡାଗାଁ, ବାନ୍ଧାଦଣି, ପାଇରେଞ୍ଜୁ ଏବଂ ମଣ୍ଡାସରୁ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ବସ୍ ଚଳାଚଳ ବ୍ୟବସ୍ଥା କରାଯାଇଥିଲା।



ଯାହାଦ୍ୱାରା ଲୋକେ ଗ୍ରାମାଞ୍ଚଳରୁ ଜିଲା ସଦର ମହକୁମାକୁ ଅତି ସୁବିଧାରେ ଯାତାୟାତ କରିପାରୁଥିଲେ। ମାତ୍ର ଗତ କିଛି ବର୍ଷ ଧରି ବସ୍‌ଗୁଡ଼ିକର ଯାନ୍ତ୍ରିକ ତ୍ରୁଟିରେ ଉପଯୁକ୍ତ ମରାମତି ଅଭାବ ଯୋଗୁ ଅଧିକାଂଶ ସମୟରେ ବିଭିନ୍ନ ମାର୍ଗରେ ବସ୍ ଚଳାଚଳ ବନ୍ଦ ରହୁଛି। ଗତ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଓଏସ୍‌ଆର୍‌ଟିସିର ମୁଖ୍ୟ କାର୍ଯ୍ୟାଳୟରୁ ଫୁଲବାଣୀ ୟୁନିଟ୍‌କୁ ଟାୟାର ପ୍ରଦାନ କରାଯାଉନାହିଁ। ବସ୍‌ଗୁଡ଼ିକରେ ଲାଗିଥିବା ସମସ୍ତ ଟାୟାରଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସରିଯାଇଥିବାରୁ ବର୍ତ୍ତମାନ ଫୁଲବାଣୀଠାରୁ କାଟିଙ୍ଗା, କେରୁବାଡ଼ି, ଦାରିଙ୍ଗବାଡ଼ି, ବେଲଘର, ଝିରିପାଣି, ବିଲାମାଳା, ଶ୍ରୀରାମପୁର, ଲଣ୍ଡାଗାଁ, ବାନ୍ଧାଦଣି, ପାଇରେଞ୍ଜୁ ଏବଂ ମଣ୍ଡାସରୁ ପର୍ଯ୍ୟନ୍ତ ବସ ଚଳାଚଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ବସ୍ ଚଳାଚଳ ବନ୍ଦ ଥିବାରୁ ଜିଲାର ଉପରୋକ୍ତ ଦୁର୍ଗମ ଅଞ୍ଚଳର ଜନସାଧାରଣ ଗମନାଗମନ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାକୁ ନେଇ ଜିଲାର ଯୁବ ସାମାଜିକକର୍ମୀ ରାଜେଶ ବରର୍ତ୍ତା ବାରମ୍ବାର ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖିବା ସହିତ ଟୁଇଟର ମାଧ୍ୟମରେ ଟୁଇଟ୍ କରି ଓଏସ୍‌ଆର୍‌ଟିସି ସିଏମ୍‌ଡିଙ୍କୁ ଅବଗତ କରାଇବା ସତ୍ତ୍ୱେ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫୁଲବାଣୀଠାରୁ ଅନ୍ୟସବୁ ରୁଟ୍‌ରେ ଯେଉଁ ସବୁ ବସ୍ ଚଳାଚଳ କରୁଛି ସେହିସବୁ ବସ୍‌ଗୁଡ଼ିକ ଭଙ୍ଗା ଦଦରା ହୋଇଗଲାଣି। ଏସବୁ ବସ୍‌ରେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ କରାଯାଉଛି। ବିଭାଗ ପୁରୁଣା ବସ୍ ବଦଳାଇ ତା' ସ୍ଥାନରେ ନୂତନ ବସ୍ ଚଳାଚଳ ବ୍ୟବସ୍ଥା କରୁନାହିଁ। ଓଏସ୍‌ଆର୍‌ଟିସି ପକ୍ଷରୁ କନ୍ଧମାଳ ଜିଲାରେ ଅଧିକ ସଂଖ୍ୟାରେ ସରକାରୀ ବସ୍ ଚଳାଚଳର ଆବଶ୍ୟକତା ରହିଛି। ଯେଉଁ କିଛି ମାର୍ଗରେ ବସ୍ ଚଳାଚଳ କରୁଥିଲା ସେସବୁ ବନ୍ଦ କରି ଫୁଲବାଣୀ ୟୁନିଟ୍‌କୁ ଅଚଳ କରିବାକୁ ନିଗମ ଏକ ବଡ଼ ଧରଣର ଚକ୍ରାନ୍ତ ଚଳାଇଥିବା ଅଭିଯୋଗ ହେଉଛି। ୫ ଦିନ ମଧ୍ୟରେ ଯଦି ଓଏସ୍‌ଆର୍‌ଟିସି ଫୁଲବାଣୀ ୟୁନିଟକୁ ଆବଶ୍ୟକ ଅନୁସାରେ ଟାୟାର ପ୍ରଦାନ କରି ବନ୍ଦ ହୋଇଥିବା ବସ୍ ଚଳାଚଳ ଦିଗରେ ପଦକ୍ଷେପ ନ ନିଏ ତେବେ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଯିବ ବୋଲି ରାଜେଶ କହିଛନ୍ତି।

## ବାର୍ଷିକ କ୍ରୀଡ଼ାରେ ଅଘଟଣ

# ଉଚ୍ଚଡିଆଁବେଳେ ଛାତ୍ରଙ୍କ ହାତ ଭାଙ୍ଗିଲା



ବାଲିଗୁଡ଼ା,୧୭।୧୨(ସଞ୍ଜୟ କୁମାର ପାଣିଗ୍ରାହୀ):

କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକ୍ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଚାଲିଥିବା ବେଳେ ଅଘଟଣ ଘଟିଛି। ଉଚ୍ଚଡିଆଁ ପ୍ରତିଯୋଗିତା ଚାଲିଥିବା ସମୟରେ ତଳେପଡ଼ି ଜଣେ ଛାତ୍ରଙ୍କ ବାମ ହାତ ଭାଙ୍ଗିଯାଇଛି। ଆହତ ସପ୍ତମ ଶ୍ରେଣୀର ଛାତ୍ର ଜଣକ ହେଲେ ଲିଙ୍କନ ନାୟକ। ତାଙ୍କ ଘର ଦାରିଙ୍ଗବାଡ଼ି ବ୍ଲକ୍ ଦନେକବାଡ଼ି ପଞ୍ଚାୟତର ଜିର୍ଜାମାହା ଗ୍ରାମରେ। ସେ ବିଦ୍ୟାଳୟ ଛାତ୍ରାବାସରେ ରହି ପାଠ ପଢୁଥିଲେ।

ସୋମବାର ଅପରାହ୍ଣରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଚାଲିଥିଲା। ଉଚ୍ଚ ଡିଆଁ ଖେଳ ଚାଲିଥିବା ବେଳେ ସେଥିରେ ଭାଗ ନେଇଥିବା ଲିଙ୍କନ ଭୂମିରେ ପଡିଯିବାରୁ ତାଙ୍କ ବାମ ହାତରେ ଆଘାତ ଲାଗିଥିଲା। ପ୍ରଧାନଶିକ୍ଷକ ତାଙ୍କୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଲିଙ୍କନଙ୍କ ହାତ ଭାଙ୍ଗିଯାଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ଏମକେସିଜି ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ।

# ବସ୍ ଚଳାଚଳରେ ଅବ୍ୟବସ୍ଥା ଦୂର କରିବା ଦାବିରେ ଧାରଣା

କାଶୀନଗର,୧୭।୧୨(ଟି.କ୍ରିଷ୍ଣା ରାଓ)

ସରକାରୀ ଓ ଘରୋଇ ବସ୍ ସେବା କ୍ଷେତ୍ରରେ ଲାଗି ରହିଥିବା ଅବ୍ୟବସ୍ଥାକୁ ନେଇ ଗଜପତି ଜିଲା କାଶୀନଗରରେ ଜନଅସନ୍ତୋଷ ଦେଖାଦେଇଛି। କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ବିଭିନ୍ନ ରାଜନୈତିକ ଦଳର ନେତା, ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ଜନସାଧାରଣ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ଛକରେ ଧାରଣା ଦେବା ସହ ଘରୋଇ ବସ୍ ସେବାକୁ ବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବାକୁ ଦାବି କରିଥିଲେ। ଏନଏସି ନିର୍ବାହୀ ଅଧିକାରୀଙ୍କ ଜରିଆରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ବନ୍ଦ ହୋଇ ଯାଇଥିବା କାଶୀନଗର-




ବସ୍ ଚଳାଚଳରେ ଲାଗି ରହିଥିବା ଅବ୍ୟବସ୍ଥାକୁ ଜନସାଧାରଣ ଓ ଅନ୍ୟମାନେ ବିରୋଧ କରୁଛନ୍ତି।

ପାରଳାଖେମୁଣ୍ଡି ଲକ୍ଷ୍ମୀ ବସ୍ ସେବା ପୁନଶ୍ଚ ଚାଲୁ କରିବା, କାଶୀନଗର ଦେଇ ଯାତାୟାତ କରୁଥିବା ସମସ୍ତ ବସ୍ ଯେପରି ସହର ଭିତର ଦେଇ ଯାତାୟାତ କରିବ ସେଥିପ୍ରତି ପଦକ୍ଷେପ ନେବା, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡା ଠାରୁ ଅଧିକ ଭଡା ଯାତ୍ରୀଙ୍କଠାରୁ ଆଦାୟ ନ କରିବା, କାଶୀନଗର-ଖାଂଡବା ମଧ୍ୟରେ ଚଳାଚଳ କରୁଥିବା ଲକ୍ଷ୍ମୀ ବସ୍‌ର ପରିବର୍ତ୍ତିତ ରୁଟ୍ ବାତିଲ କରି ପୂର୍ବ ରୁଟରେ ଯାତାୟାତ ପାଇଁ ଅନୁମତି ଦେବା, କାଶୀନଗର ଦେଇ ଯାତାୟାତ କରୁଥିବା ଆନ୍ଧ୍ର ଆରଟିସି ବସ୍ ପ୍ରତି ପାତରଅନ୍ତର ବିଚାର ନ କରିବା ଆଦି ସେମାନଙ୍କ ଦାବି ରହିଛି। ଅନ୍ୟପକ୍ଷରେ ସରକାରଙ୍କ ଧାର୍ଯ୍ୟ ଭଡାଠାରୁ ଯାତ୍ରୀଙ୍କ ନିକଟରୁ ଅଧିକ ଭଡା ନେଉଥିବା ଘରୋଇ ବସ୍‌ର କଣ୍ଡକ୍ଟରମାନେ ସୀକାର କରିଛନ୍ତି। କୋଭିଡ ସମୟରେ ଯେଉଁ ଭଡା ଲାଗୁ ହୋଇଥିଲା ତାହା ଅପରିବର୍ତ୍ତିତ ରହିଛି। ତେବେ ଅଧିକ ଯାତ୍ରୀ ମିଳୁ ନ ଥିବାରୁ ସେମାନେ ବାଧ ହୋଇ ଯାତ୍ରୀଙ୍କଠାରୁ ଅଧିକ ଭଡା ନେଉଛନ୍ତି ବୋଲି କହିଛନ୍ତି। ଧାରଣାରେ ରବୀନ୍ଦ୍ର ପଣ୍ଡା, ତ୍ରିନାଥ ନାୟକ, ପ୍ରଶାନ୍ତ ସାହୁ, ଭାଜପାର ପୂର୍ବତନ ଜିଲା ସଭାପତି ନଳିନୀକାନ୍ତ ପାତ୍ର, ଟାଉନ ବିଜେଡି ସଭାପତି ଆର. ଚଲପତି, କାଉନସିଲର କେ. ରାମା ରାଓ, ସମାଜିକ କର୍ମୀ ଏମ୍. ସୁଜନ କୁମାର, ବରିଷ୍ଠ ନେତା ଆର. ରାମ ପ୍ରସାଦ, ବୁଢୁରା ସମିତିସଭ୍ୟ ବାବୁ ରାଓଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଶନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ନିୟୋଜିତ ହୋଇଥିଲେ।

# ନାବାଳିକା ଅପହରଣ ମାମଲା,ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ, ୧୭।୧୨(ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ଅପହରଣ ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ରାଜେଶ ଦାସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୦ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୧ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ଦେଢ଼ ଲକ୍ଷ ଟଙ୍କା ଦେବାକୁ ଡିଏଲ୍‌ଏସ୍‌ଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖଜୁରୀପଡ଼ା ଥାନା ସିଡିଙ୍ଗି ଗ୍ରାମର ରାକେଶ କୁମାର ମହାନନ୍ଦ।

ସୂଚନାଯୋଗ୍ୟ, ଫୁଲବାଣୀ ସଦରଥାନା ଗୁମାଗଡ଼ ଅଞ୍ଚଳର ଜଣେ ନାବାଳିକା କଲେଜରେ ପଢ଼ିବାକୁ ଏକ ବସ୍‌ରେ ଯାଉଥିଲେ। ସେହି ବସ୍‌ରେ ହେଲପର ଭାବେ ରାକେଶ କାମ କରୁଥିଲେ। କିଛିଦିନ ମଧ୍ୟରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢ଼ିଥିଲା। ରାକେଶ ତାଙ୍କୁ ବାହା ହେବ କହି ୨୦୧୫ ମାର୍ଚ୍ଚ ୨୬ ତାରିଖରେ ଫୁଲବାଣୀ ନେଇ ଆସିଥିଲେ। ସେଠାରୁ ବ୍ରହ୍ମପୁର ପଳାଇ ବିଭିନ୍ନ ସ୍ଥାନରେ ରହୁଥିଲେ। ସେଠାରେ ନାବାଳିକାଙ୍କ ସହ ସେ ଶାରୀରିକ ସମ୍ପର୍କ ସ୍ଥାପନ କରୁଥିଲେ। ଝିଅ ଘରକୁ ନ ଫେରିବା ନେଇ ତାଙ୍କ ବାପା ସଦର ଥାନାରେ ୨୯ ତାରିଖରେ ରିପୋର୍ଟ ଦେଇଥିଲେ। ପୋଲିସ ୪୬/୧୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବ୍ରହ୍ମପୁରରେ ରହିବା ସମୟରେ ରାକେଶଙ୍କ ପାଖରୁ ଟଙ୍କା ସରିଯିବାରୁ ସେ ନାବାଳିକାଙ୍କୁ ଧରି ନିଜ ଘରକୁ ଚାଲି ଆସିଥିଲେ। ଖବରପାଇ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ରାକେଶଙ୍କୁ ଗିରଫ କରିଥିଲା। ମୋଟ ୭ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ଉଭୟଙ୍କ ମେଡିକାଲ ଏବଂ ଅନ୍ୟାନ୍ୟ ରିପୋର୍ଟକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ଦିଗପହଣ୍ଡିରେ ରାଜ୍ୟ ପର୍ଯ୍ୟଟନ ସଚିବ

ଦିଗପହଣ୍ଡି,୧୭।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଗସ୍ତରେ ରାଜ୍ୟ ପର୍ଯ୍ୟଟନ ସଚିବ ତଥା କମିଶନର ବାଲୱନ୍ତ ସିଂ ଆସିଛନ୍ତି। ମଙ୍ଗଳବାର ବାସୁଦେବପୁର ପଞ୍ଚାୟତ କାର୍ଯ୍ୟାଳୟ, ଶ୍ରୀଜଗନ୍ନାଥ ୫-ଟି ହାଇସ୍କୁଲ, ମିଶନ ଶକ୍ତି ଗୃହ ଏବଂ ଅଙ୍ଗନୱାଡ଼ି ଗୃହ ପରିଦର୍ଶନ କରିଥିଲେ। ଅଙ୍ଗନୱାଡ଼ି ଶିଶୁମାନଙ୍କ ସହ ସେମାନଙ୍କ ଖାଦ୍ୟ ପେୟ, ଶୈଶବ ଶିକ୍ଷା ଦାନ ସମ୍ପର୍କରେ ପଚାରି ସେମାନଙ୍କ ବୁଦ୍ଧିମତା ପରଖି ଥିଲେ। ଗଞ୍ଜାମ-ଗଜପତି ଜିଲା ନୋଡାଲ ସଚିବ ଦାୟିତ୍ୱରେ ଥିବା ସିଂ ବାସୁଦେବପୁର ଗ୍ରାମର ମିଶନ ଶକ୍ତି ଗୃହକୁ ବୁଲି ଉପସ୍ଥିତ ମହିଳାମାନଙ୍କୁ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝିଥିଲେ। ପରେ ସେ ପଞ୍ଚାୟତ କାର୍ଯ୍ୟାଳୟ ସହ ଗ୍ରାମରେ ଥିବା ଶ୍ରୀ ଜଗନ୍ନାଥ ୫-ଟି ହାଇସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀନୀ ତ୍ରିପାଠୀଙ୍କ ସହ ଆଲୋଚନା କରି ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଚିବଙ୍କ ଗସ୍ତ ସମୟରେ ବ୍ରହ୍ମପୁର ଉପ ଜିଲାପାଳ



ଦୀନା ଦସ୍ତାଗିର, ପ୍ରୋବେସନାରୀ ଆଇଏଏସ ପ୍ରଣିତା ଦାସ, ଦିଗପହଣ୍ଡି ବିଡ଼ିଓ ଡ଼.ଚିତ୍ତରଞ୍ଜନ ଦାସ, ସିଡ଼ିପିଓ ପୁଷ୍ପାଞ୍ଜଳି ଶତପଥି, ଅଙ୍ଗନୱାଡ଼ି ସୁପର ଭାଇଜର ସଞ୍ଜୁଲତା ପାଣିଗ୍ରାହୀ, ବିପିସି ଦୁର୍ଯ୍ୟୋଧନ ମଲ୍ଲିକ, ବିପିଏମ୍ ସଙ୍ଗୀତା ପଣ୍ଡା, ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ରାଜୀବ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଇଂ.ତପସ୍ୱିନୀ ପାଢ଼ୀ, ସରପଞ୍ଚ ଏମ.ଶ୍ୟାମଘନ, ସେବା ସମବାୟ ସମିତି ସଭାପତି ଡ.ସନାତନ ଦୋରା, ସାମାଜିକ କର୍ମୀ ଏମ.ନରସିଂହ, ଏମ.ସନ୍ତୋଷ, ଜି.ଦାସ ରେଡ୍ଡୀ, କେ.ଭୀମଙ୍କ ସମେତ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ପରେ ସଚିବ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ପାନ୍ଥ ନିବାସରେ ପହଞ୍ଚି ଦିଗପହଣ୍ଡି ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.କାର୍ତ୍ତିକେଶ୍ୱର ପ୍ରଧାନଙ୍କ ସହ ପର୍ଯ୍ୟଟନ କ୍ଷେତ୍ରର ବହୁବିଧ ବିକାଶ ଦିଗରେ ବିସ୍ତୃତ ଆଲୋଚନା କରିବା ସହ ବିଭାଗ ପକ୍ଷରୁ ପ୍ରସ୍ତୁତ ଡିଟେଲ ପ୍ରୋଜେକ୍ଟ ରିପୋର୍ଟର ଅନୁଧ୍ୟାନ କରିଥିଲେ। ସାନଖେମୁଣ୍ଡି ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର, ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ବନୋଜ ସେଠୀଙ୍କ ସମେତ ବହୁ ସରକାରୀ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

### ୩ ପୋଲିସ ଅଧିକାରୀ ପୁରସ୍କୃତ

ଛତ୍ରପୁର,୧୭।୧୨(ସନ୍ତୋଷ ପାଢୀ):

ପୋଲିସ ସେବାରେ ଉଲ୍ଲେଖନୀୟ ଅବଦାନ ଲାଗି ଗଞ୍ଜାମ ପୋଲିସ ଜିଲାର ୩ ପୋଲିସ ଅଧିକାରୀ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଓଡିଶା ପୋଲିସ ଡ୍ୟୁଟି ମିଟ୍-୨୦୨୪ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୁରସ୍କାର ପ୍ରଦାନ କରଛନ୍ତି। ଫୁଟପ୍ରିଣ୍ଟ ତଦନ୍ତରେ ସାଇଣ୍ଟିଫିକ୍ ଏଡ୍‌ରେ ପ୍ରଥମ ଓ ମେଡିକୋ-ଲିଗାଲ ଟେଷ୍ଟରେ ତୃତୀୟ ହୋଇ ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠୀ ପୁରସ୍କୃତ ହୋଇଛନ୍ତି। ସେହିପରି କମ୍ପ୍ୟୁଟର ସଚେତନତା ଓ ଦକ୍ଷତା ଟେଷ୍ଟରେ ତୃତୀୟ ସ୍ଥାନ ଗ୍ରହଣ କରି ଖଲ୍ଲିକୋଟ ଥାନାର ଏସ୍‌ଆଇ କେଶବ ଷଡଙ୍ଗୀ ଏବଂ ଲିଫଟିଂ, ପ୍ୟାକିଂ ଓ ଫରୱାଡିଂ ତଦନ୍ତରେ ସାଇଣ୍ଟଫିକ୍‌ରେ ତୃତୀୟ ସ୍ଥାନ ଅଧିକାର କରି କବିସୂର୍ଯ୍ୟନଗର ଥାନା ଏସ୍‌ଆଇ ସମୀର କୁମାର ରାଉତ ପୁରସ୍କୃତ ହୋଇଛନ୍ତି।

# ରାଜ୍ୟ ଆଇନଜୀବୀ ସମ୍ମିଳନୀ ସ୍ଥାନ ବଦଳିଲା

## ୨୬ରେ ଭଞ୍ଜନଗର ଆସିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସଭାସ୍ଥଳ ପରିଦର୍ଶନ କରୁଛନ୍ତି ବିଭିନ୍ନ କର୍ମକର୍ତ୍ତା।

ଭଞ୍ଜନଗର,୧୭।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ଆସନ୍ତା ୨୯ ଓ ୩୦ ତାରିଖ ଦୁଇଦିନ ଧରି ନିଖିଳ ଓଡ଼ିଶା ଆଇନଜୀବୀ ପରିଷଦର ରାଜ୍ୟ ସମ୍ମିଳନୀ ହେବାର ଥିଲା। ମାତ୍ର ସେଠାରେ ସୁରକ୍ଷା ଏବଂ ପାର୍କିଂ ସମସ୍ୟା ଥିବାରୁ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରକୁ ସଭାସ୍ଥଳ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ଆସନ୍ତା ୨୬ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭଞ୍ଜନଗର ସରସ୍ୱତୀ ଶିଶୁ ମନ୍ଦିରର ଏକ ଉତ୍ସବରେ ଯୋଗ ଦେବାକୁ ଆସିବେ। ତେଣୁ ଉଭୟ କାର୍ଯ୍ୟକ୍ରମ କିଭଳି ସଫଳ ହେବ ସେଥିପାଇଁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମଙ୍ଗଳବାର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ହେବାକୁ ଥିବା ସଭାସ୍ଥଳ ବୁଲି ଦେଖିଥିଲେ। ଏହି ସମୟରେ ବାର ଆସୋସିଏଶନ କର୍ମକର୍ତ୍ତା ଏବଂ ଶିଶୁ ମନ୍ଦିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଶ୍ରାମାଗାର ଭଙ୍ଗାକୁ ନେଇ ରାସ୍ତା ଅବରୋଧ

ସୋରଡ଼ା,୧୭।୧୨(ରଜନୀ ମହାପାତ୍ର):

ସୋରଡା ଠାରୁ ବଡଗଡ ଯିବା ରାସ୍ତାରେ ଚାକୁଣ୍ଡା ଛକ ନିକଟରେ ପ୍ରାୟ ସତୁରୀ ବର୍ଷ ହେବ ରାସ୍ତା କଡ଼ରେ ଏକ ବିଶ୍ରାମ ଗୃହ ନିର୍ମାଣ ହୋଇଥିଲା। ସେଠାରେ ସରାବାଡି, ଗୁଣ୍ଡିରିବାଡି, ଚାକୁଣ୍ଡା ଗ୍ରାମର ବହୁ ବାଟୋଇ ବସରେ ଯିବା ଆସିବା ସମୟରେ ବିଶ୍ରାମ ନେଉଥିଲେ। ଗତବର୍ଷ ଏହି କୋଠା ନୂତନ ଭାବେ ନିର୍ମାଣ କରିବା ପାଇଁ ସରକାରଙ୍କ ତରଫରୁ ବହୁ ଟଙ୍କା ଖର୍ଚ୍ଚ କରାଯାଇ ନୂତନ କୋଠା ନିର୍ମାଣ କରାଗଲା। ଯାହାଫଳରେ ବହୁ ଲୋକ ଏଥିରେ ଉପକୃତ ହେବେ। କିନ୍ତୁ ଉକ୍ତ ସ୍ଥାନଟି ଖାରିଗୁଡା ଗ୍ରାମର ସୁବାସ ଚନ୍ଦ୍ର ଗୁରୁଙ୍କ ନାମରେ ଏହି ଜାଗାର ମାଲିକାନା ରହିଥିବାରୁ ସେ ଉଚ୍ଚ ନ୍ୟାୟାଳୟରେ ଏକ ମକଦ୍ଦମା ରୁଜୁକରି ଏହି ଗୃହକୁ



ଉଦ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି ପୋଲିସ।

ଉଚ୍ଛେଦ କରିବାକୁ ରାୟ ଆଣିଛନ୍ତି। ଏହାକୁ ବିରୋଧ କରି ଶତାଧିକ ଲୋକ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରାଜରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ, ତହସିଲଦାର ଆକାଶ ରଞ୍ଜନ ସାହୁ, ବଡଗଡ ଥାନାଧିକାରୀ, ସୋରଡା ଥାନାଧିକାରୀ ପହଞ୍ଚି ଲୋକଙ୍କୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଛି।

# ସମନ୍ୱୟ ରକ୍ଷା କରି ଯୋଜନା କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ

## ଅଣ ଗେଜେଟେଡ୍ ବନସେବା ସଂଘର ସ୍ୱତନ୍ତ୍ର ବୈଠକ

ଭଞ୍ଜନଗର,୧୭।୧୨(ବାବୁଲା ପ୍ରଧାନ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅଣଗେଜେଟେଡ ବନସେବା ସଂଘର ନୂତନ କର୍ମକର୍ତ୍ତାଙ୍କୁ ମଙ୍ଗଳବାର ଅମଲା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିପାଇଁ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ନବ ନିର୍ବାଚିତ କର୍ମକର୍ତ୍ତାମାନେ ସମନ୍ୱୟ ରକ୍ଷା କରି ସରକାରୀ ଯୋଜନାର ସଫଳ ରୂପାୟନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ବିଗତ କିଛିବର୍ଷ ହେବ କେତେଜଣ ଅଫିସର ନିର୍ଦ୍ଦିଷ୍ଟ କର୍ମଚାରୀମାନଙ୍କୁ ନେଇ ମନଇଚ୍ଛା କାର୍ଯ୍ୟ କରୁଥିଲେ। ଏହାଦ୍ୱାରା କିଛି ଅଞ୍ଚଳରେ ସରକାରୀ ଯୋଜନା ପହଞ୍ଚି ପାରୁ ନ ଥିଲା। ସମ୍ପୃକ୍ତ ଅଞ୍ଚଳର



ନୂତନ ସଭାପତି ଅନୁପ ବିଷୋୟୀଙ୍କୁ ସ୍ୱାଗତ କରାଯାଉଛି।

କର୍ମଚାରୀମାନେ ଲୋକଙ୍କ ଆକ୍ରୋଶର ଶିକାର ହେଉଥିଲେ। କିନ୍ତୁ ଏଣିକି ସମସ୍ତେ ମିଳିମିଶି କାମ କରିବା। କୌଣସି ଅଧିକାରୀ ଏଥିରେ ଯଦି ବ୍ୟାଘାତ ସୃଷ୍ଟି କରନ୍ତି ତେବେ ତାଙ୍କ ବିରୋଧରେ ଆନ୍ଦୋଳନ କରାଯିବ ବୋଲି କେତେଜଣ କର୍ମକର୍ତ୍ତା ବୈଠକରେ ପରୋକ୍ଷରେ କହିଥିଲେ। ଜୀବନାନନ୍ଦ ତ୍ରିପାଠୀ (ବନପାଳ) ମୁଖ୍ୟ ପରାମର୍ଶଦାତା ଭାବେ ନିର୍ବାଚିତ ହୋଇଥିବା ବେଳେ ସହକାରୀ ପରାମର୍ଶଦାତା ଭାବେ ଅଭିମନ୍ୟୁ ମଲ୍ଲିକ(ବନପାଳ) ଓ ଚନ୍ଦ୍ର ଶେଖର ପାଣିଗ୍ରାହୀ ନିର୍ବାଚିତ ହୋଇଛନ୍ତି। ଏଥିସହ ସଭାପତି ଭାବେ ବରିଷ୍ଠ ବନପାଳ ଅନୁପ କୁମାର ବିଷୋୟୀ ନିର୍ବାଚିତ ହୋଇଛନ୍ତି। ଏଥିସହ ଉପସଭାପତି ଶରତ ମାହାନ୍ତି (ବନପାଳ), ସାଧାରଣ ସମ୍ପାଦକ ସୁଶାନ୍ତ ଶେଖର ମିଶ୍ର (ବନପାଳ), ଉପ ସମ୍ପାଦକ ଜିତେନ୍ଦ୍ର ସେଠୀ, ସହ ସମ୍ପାଦକ ମିତା ପୋଲାଇ ଓ କୋଷାଧକ୍ଷ ଭାବେ ଶୁଭସ୍ମିତା ପାତ୍ର (ବନପାଳ) ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ କର୍ମକର୍ତ୍ତାମାନେ ମଙ୍ଗଳବାର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମାହାନ୍ତିଙ୍କୁ ଭେଟି ସହଯୋଗ କାମନା କରିଥିଲେ।

